ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟିତ

ନୟାଗଡ, (ପିପିଏସ୍): ଆଜି ପୂର୍ବାହ୍ନରେ ଦୁଇ ଦିନିଆ ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଉଦ୍ଘାଟିତ ହୋଇଯାଇଛି। ସ୍ଥାନୀୟ ଷ୍ଟାଡିୟମ ଗ୍ରାଉଣ୍ଡରେ ଆୟୋଜିତ ଏହି ମେଳାକୁ ଗୋ-ପୂଜନ ମାଧ୍ୟମରେ ଉଦ୍ଘାଟନ କରିଥିଲେ ଖଣ୍ଡପଡ଼ା ବିଧାୟକ ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ। ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀ ଓ ପ୍ରାଣିପାଳକଙ୍କ ରୋଜଗାରକୁ ବହୁଗୁଣିତ ତଥା ସେମାନଙ୍କ ଜୀବିକାର ଉନ୍ନତିକରଣ ନିମନ୍ତେ ରାଜ୍ୟ ସରକାର ନିରନ୍ତର ପ୍ରୟାସରତ । ଓଡ଼ିଶାର ଅଭିବୃଦ୍ଧିରେ ସହାୟକ ହେଉଥିବା ମତ୍ସ୍ୟ ଓ ପ୍ରାଣିସମ୍ପଦ କ୍ଷେତ୍ର ପ୍ରତି ରାଜ୍ୟ ସରକାର ବିଶେଷ ଦୃଷ୍ଟି ଦେଉଛନ୍ତି । ବିଶେଷ କରି ଗ୍ରାମାଞ୍ଚଳର ଆର୍ଥିକ ଅଭିବୃଦ୍ଧି ରେ ଏହି ଦୁଇ କ୍ଷେତ୍ରର ଅଧିକ ଗୁରୁତ୍ୱ ଥିବାରୁ ଶିକ୍ଷିତ ଯୁବ ଗୋଷ୍ଠୀ ଏହି କ୍ଷେତ୍ରରେ ସେମାନଙ୍କର କ୍ୟାରିୟର ଗଢିବାକୁ ବିଧାୟକ ଶ୍ରୀ ସ୍ୱାଇଁ ଆହ୍ୱାନ ଦେଇଥିଲେ। ଏହି ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳାରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୟାଗଡ ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟନାୟକ କହିଥିଲେ ଯେ, ସମୟ ଥିଲା ଆମେ ମାଛ ଓ ଅଣ୍ଡା ପାଇଁ ପଡୋଶୀ ରାଜ୍ୟ ଉପରେ ନିର୍ଭର କରୁଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ଓ ଚାଷୀଙ୍କ ପ୍ରଚେଷ୍ଟା ବଳରେ ଆମେ ଆଜି ସ୍ୱାବଲମ୍ବୀ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଲଗ୍ନଜିତ ରାଉତ କହିଥିଲେ ଯେ ସବୁଜ ବିପ୍ଳବ, ଶ୍ୱେତ ବିପ୍ଳବ ଓ ନୀଳ ବିପ୍ଳବ ଯୋଗୁଁ ଆମ ଦେଶ ଆଜି ଖାଦ୍ୟ ଉତ୍ପାଦନରେ ଏକ ଅଗ୍ରଣୀ ଦେଶ ।ତେଣୁ ଶିକ୍ଷିତ ଯୁବ ଗୋଷ୍ଠୀ ମତ୍ସ୍ୟ ଓ ପ୍ରାଣୀ ପାଳନ କୁ ଉଦ୍ୟୋଗ ରୂପରେ ଆଜି ପରିଣତ କରିପାରିବେ। ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଜିଲ୍ଲା ମୁଖ୍ୟ ପ୍ରାଣି ଚିକିତ୍ସା ଅଧିକାରୀ ଡ ବସନ୍ତ କୁମାର ବେହେରା ଓ ଧନ୍ୟବାଦ ପ୍ରଦାନ କରିଥିଲେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀ ପ୍ରକାଶ କୁମାର ତ୍ରିପାଠୀ। ପ୍ରକାଶ ଯୋଗ୍ୟ ଯେ ତୃଣମୂଳ ସ୍ତରରେ ଚାଷୀ ମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ତଥା କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇବା ତଥା ସେମାନଙ୍କୁ ନୂତନ ଜ୍ଞାନ କୌଶଳପୂର୍ଣ ଚାଷ ସମ୍ପର୍କରେ ଧାରଣା ଦେବାପାଇଁ ଗତ ମାସରେ ପ୍ରତି ବ୍ଲକ ରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ସଫଳତା ର ସହ ଆୟୋଜିତ ହେବ ପରେ ଏହି ଜିଲ୍ଲା ସ୍ତରୀୟ ମେଳା ଆୟୋଜିତ ହୋଇଛି। । ଏହି ଦୁଇଦିନିଆ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳାରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆଠଶହ ମତ୍ସ୍ୟଚାଷୀ ଓ ପ୍ରାଣି ପାଳକ ଯୋଗ ଦେଇଥିଲେ। ମତ୍ସ୍ୟ ଓ ପ୍ରାଣିବିଜ୍ଞାନୀଙ୍କ ଓ ଚାଷୀଙ୍କ ମଧ୍ୟରେ ବୈଷୟିକ ଜ୍ଞାନ ବିନିମୟ କାର୍ଯ୍ୟକ୍ରମରେ ଚାଷୀ ମାନେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ ଚାଷ ସମ୍ପର୍କରେ ସେମାନଙ୍କ ପ୍ରଶ୍ନର ଉତ୍ତର ପାଇଥିଲେ। ସେମାନଙ୍କ ମଧ୍ୟରୁ ଉତ୍କର୍ଷ ସଫଳତା ପାଇଁ ଚାରି ଜଣ ଚାଷୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ସହ କିଛି ଚାଷୀଙ୍କୁ ସେମାନଙ୍କ ନୂତନ ପ୍ରକଳ୍ପ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା ।ଏହି ମେଳାରେ ମତ୍ସ୍ୟ ତଥା ପ୍ରାଣିପାଳନ ବିଭାଗ ପକ୍ଷରୁ ବିଭିନ୍ନ ପ୍ରଜାତିର ମାଛ, ଗାଈ, ଘୁଷୁରି, କୁକୁଡ଼ା ଓ ଛେଳିର ପ୍ରଦର୍ଶନ ସହ ଆଧୁନିକ ମତ୍ସ୍ୟ ପାଳନର ଲାଇଭ ମଡେଲ ଓ ଅନ୍ୟାନ୍ୟ ବିଭାଗର ପ୍ରାୟ ତିରିଶଟି ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଏ.ଏମ.ବି ଇଂଲିଶ ମାଧ୍ୟମ ବିଦ୍ୟାଳୟର ୧୭ ତମ ବାର୍ଷିକୋତ୍ସବ

ଧାମନଗର (ପି ପି ଏସ) ଧାମନଗର କଲେଜ ନିକଟସ୍ଥ ଏଏମବି ଇଂଲିଶ ମାଧ୍ୟମ ସ୍କୁଲର ୧୭ ତମ ବାର୍ଷିକୋତ୍ସବ ରବିବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଅଧକ୍ଷ ସେକ ଆଜାଦ ଅଲ୍ଲୀ ତାଙ୍କ ଅଭିଭାଷଣରେ ଶିକ୍ଷାର ଗୁଣବତ୍ତା ଉପରେ ଗୁରୁତ୍ୱାରୋପ ସହ ଆୟୋଜିତ ଉତ୍ସବକୁ ସଂଯୋଜନା କରିଥିଲେ। ଏଥିରେ ସ୍କୁଲର ପରାମର୍ଶ ଦାତା ବିଶ୍ୱରଂଜନ ରାୟ ,ମନୋଜ ସିଂ ପ୍ରମୁଖ ଯୋଗଦେଇ ଶିକ୍ଷକ, ଶିକ୍ଷାୟତନ ଓ ଶିକ୍ଷା ସହ ଅଭିଭାବକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ହେଲେ ଶିକ୍ଷାର ପରିବର୍ତ୍ତନ ହେବା ସହ ଶିକ୍ଷକ, ଅଭିଭାବକ ଓ ବିଦ୍ୟାର୍ଥୀ ମାନଙ୍କ ମିଳିତ ସହଯୋଗ ରହିଲେ ଏକ ସୁସ୍ଥ ରାଷ୍ଟ୍ର ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ବିଜୟିନୀ ପୃଷ୍ଟି, ଲୋପାମୁଦ୍ରା ଦାସ,ପୁଷ୍ପାଞ୍ଜଳୀ ପୃଷ୍ଟି,ପ୍ରମିଳା ଦାସ,ସଂଗୀତା ତ୍ରିପାଠୀ,ଶୈଳବାଳା ସିଂ,ମହେନ୍ଦ୍ର ଜେନା,ହଳଧର ମିଶ୍ର,ଶାନ୍ତିଲତା ରାଉତଙ୍କୁ ସ୍କୁଲର ସଭାପତି ସେକ ମୁରାଦ ଅଲ୍ଲୀ ଓ ସମ୍ପାଦକ କେତାବୁନ ଖାତୁନ ସମ୍ବର୍ଦ୍ଧିତ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରୀ ଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ଚିତ୍ତାକର୍ଷକ ଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ସେକ ରହେମାନ, ଜୀବନ ସାମଲ,ପୂର୍ଣ୍ଣିମା ବେହେରା,ମମତା ଖଟୁଆ,ପ୍ରଜ୍ଞା ଖଟୁଆ, ଇତିଶ୍ରୀ ସାମଲ,ସସ୍ମିତା ପଣ୍ଡା,ନେହା ଖାତୁନ,ମଧୁସୂଦନ ଧଳ, ନେନା ଖାତୁନ,ରଞ୍ଜିତ ପଣ୍ଡା,ଆଦିତ୍ୟ ସାହୁ,ପ୍ରିୟରଞ୍ଜନ ଦାସ ପ୍ରମୁଖ ପରିଚାଳନା କରିଥିଲେ।

ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ମିନିବସ୍ ଚୋରି

ବ୍ରହ୍ମପୁର(ପିପିଏସ୍): ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳରୁ ଗତକାଲି ବିଳମ୍ବିତ ରାତିରେ ଏକ ମିନିବସ୍ ଚୋରି ହୋଇଥିବା ଘଟଣା ସକାଳୁ ପ୍ରଘଟ ହୋଇଥିଲା । ଏନେଇ ବସ୍ ମାଲିକ ପ୍ରଶାନ୍ତ କୁମାର ସେଠୀ ସ୍ଥାନୀୟ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି ।ମାମଲା ପ୍ରକାରେ ଓଆର୍.୦୭.ୟୁ-୯୮୦୨ ମୁକ୍ତେଶ୍ୱର ନାମକ ଏକ ମିନିବସ୍‌ର ମାଲିକ ପ୍ରଶାନ୍ତଙ୍କ ଜଗନ୍ନାଥପ୍ରସାଦ ହାଟପଦା ଲକ୍ଷ୍ମବଜାର ସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟ ପାଖରେ ସବୁଦିନ ପରି ରହୁଥିଲା । ଗତକାଲି ବସ୍‌ଟି ଦିନବେଳା ଭଡା ଯାଇ ଅପରାହ୍ନ ୨ଟା ବେଳେ ସେହି ସ୍ଥାନରେ ବସ୍ ଚାଳକ ରଖିବା ସହ ଗାଡି ଚାବି ମାଲିକଙ୍କୁ ହସ୍ତାନ୍ତର କରିଥିଲେ । ରାତ୍ର ୧୧ଘଣ୍ଟିକା ପର୍ଯ୍ୟନ୍ତ ବସ୍‌କୁ ଦେଖିଥିବା ମାଲିକ କହିଛନ୍ତି ।

MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍

ବିଜ୍ଞପ୍ତି

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in କରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5279

ଆଶ୍ରୟ ଦିବ୍ୟାଙ୍ଗ ସେବାଗ୍ରାମର ବାର୍ଷିକୋତ୍ସବ

ଓଡ଼ଗାଁ,୩୦-୧୨-/ଏନଏନଏସ:ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଶରଣକୁଳ ନିକଟ ବାଉଁଶିଆ ଠାରେ ଦିବ୍ୟାଙ୍ଗ ମାନଙ୍କ ବହୁବିଧ କଲ୍ୟାଣ ନିମନ୍ତେ ଉତ୍ସର୍ଗୀକୃତ ସମାଜ କଲ୍ୟାଣ ସଂସ୍ଥାନ ଆଶ୍ରୟର ବାର୍ଷିକ ଉତ୍ସବ ସ୍ଥାନୀୟ କଜଳାଇପଲ୍ଲୀ ସ୍ଥିତ ହାଇସ୍କୁଲ ଛକଠାରେ ଦିବ୍ୟାଙ୍ଗ ମାନଙ୍କୁ ଥଇଥାନ ନିମନ୍ତେ ବିଭିନ୍ନ ସମାଗ୍ରୀ ବିତରଣ ସହ ଶତାଧିକ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇ ଏକ ନିଆରା ଢ଼ଙ୍ଗରେ ପାଳିତ ହୋଇଯାଇଛି ।ଆଶ୍ରୟର ବାର୍ଷିକ ଉତ୍ସବ ଅବସରରେ ଆଇନ ଆଖିରେ ଦିବ୍ୟାଙ୍ଗ ବିଷୟ ବସ୍ତୁକୁ ନେଇ ଆଲୋଚନା ଚକ୍ର ଅନୁଷ୍ଠିତ ହେବାସହ ଆଶ୍ରୟର ବାର୍ଷିକ ବିଶେଷାଙ୍କ ସ୍ମରଣିକା ଏବଂ ଦିବ୍ୟାଙ୍ଗ ମାନଙ୍କ ନିମନ୍ତେ ପ୍ରଥମ ଓଡ଼ିଆ ସମ୍ବାଦ ପତ୍ର ଆଶ୍ରୟର ଉନ୍ମୋଚନ କରାଯାଇଥିଲା ।ଆଶ୍ରୟର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଓ ରାଜ୍ୟର ଜଣାଶୁଣା ସାମାଜିକ କର୍ମୀ ଲୋକନାଥ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ପାଣ୍ଡବ ନାୟକ,ସଦସ୍ୟ ରାମକୃଷ୍ଣ ମହାରଣା ଏବଂ ଭାଗିରଥି ସାହୁ ପ୍ରମୁଖ ପରିଚାଳନା କରିଥିବାବେଳେ ଆଖପାଖ ଅଞ୍ଚଳରୁ ବହୁ ଦିବ୍ୟାଙ୍ଗ ଓ ଅସହାୟ ବ୍ୟକ୍ତି ଯୋଗ ଦେଇଥିଲେ ।ସୂଚନା ଅନୁଯାୟୀ ଆଶ୍ରୟ ଦିବ୍ୟାଙ୍ଗ ସେବାଗ୍ରାମରେ ଆସନ୍ତା ଜାନୁଆରୀ ମାସ ୩ତାରିଖ ସକାଳ ୧୧ ଘଟିକା ସମୟରେ ବରିଷ୍ଠ ନାଗରିକ ମାନଙ୍କୁ ଏକତ୍ରିତ କରି ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେବାକୁ ଲୋକନାଥ ଭାଇ ନିବେଦନ କରିଛନ୍ତି ।

ସଡ଼କ ସୁରକ୍ଷା-ଜୀବନ ରକ୍ଷା ସଚେତନତା

ହେଲମେଟ ପିନ୍ଧିଥିବା ଚାଳକଙ୍କୁ ଚକଲେଟ

ଓଡ଼ଗାଁ, (ପିପିଏସ୍):ଖୋର୍ଦ୍ଧା ନ୍ୟାସନାଲ ଏକାଡେମୀ ପକ୍ଷରୁ ଓଡ଼ଗାଁ ଥାନା ସମ୍ମୁଖରେ ସଡ଼କ ସୁରକ୍ଷା ଜୀବନ ରକ୍ଷା ସଚେତନତା କରାଯାଇଛି । କାର୍ଯ୍ୟକ୍ରମକୁ ଆଦର୍ଶଥାନା ସବ ଇନ୍ସପେକ୍ଟର ଚକ୍ରଧର ସିଂ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।ଫାୟାର ଆଣ୍ଡ ସେଫଟି ଇଞ୍ଜିନିୟର କଲେଜ ପକ୍ଷରୁ ପ୍ରଥମେ ବାଣ୍ଟପୁର ପଞ୍ଚାୟତ ଧବଳେଇ ସ୍କୁଲ ଛାତ୍ରଛାତ୍ରୀଙ୍କୁ ସଚେତନ କରିବାପରେ ଆଜି ଓଡ଼ଗାଁ ଥାନାରୁ ହନୁମାନଛକ ପର୍ଯ୍ୟନ୍ତ ସଚେତନତା ପଦ ଯାତ୍ରା ଅନୁଷ୍ଠିତ ହୋଇଥିଲା ।ପରେ ଥାନା ଆଗଦେଇ ଯାଉଥିବା ବାଇକ୍ ଚାଳକଙ୍କୁ ସଡ଼କ ସୁରକ୍ଷା ଉପରେ ବାର୍ତ୍ତା ଦିଆଯାଇଥିଲା । ବାଇକ୍ ଚଲାଇବା ସମୟରେ ହେଲମେଣ୍ଟ ପିନ୍ଧିଥିବା ଚାଳକଙ୍କୁ ଚକୋଲେଟ ଓ ଚାରି ଚକିଆ ଗାଡ଼ି ଚଲାଇବା ସମୟରେ ସିଟବେଲ୍ଟ ପିନ୍ଧିଥିବା ଚାଳକଙ୍କୁ ଗୋଲାପ ଫୁଲଦେଇ ସରକାରଙ୍କ ନିୟମ ମାନି ଗାଡ଼ି ଚାଳନା କରିବାକୁ କୁହାଯାଇଥିଲା । ଏହାସହିତ ବାଇକ୍ ଚାଳକଙ୍କୁ ହେଲମେଣ୍ଟ ପିନ୍ଧିବା,ଗାଡ଼ି ଚାଳନା ସମୟରେ ମଦ୍ୟପାନ ନକରିବା,ଫୋନ୍ ରେ କଥାବାର୍ତ୍ତା ନକରିବା ଓ ଦ୍ରୁତଗତିରେ ଗାଡ଼ି ନଚଲାଇବାକୁ ପରାମର୍ଶ ଦେଇଥିଲେ । ଏହି ସଚେତନତାରେ ଇଞ୍ଜିନିୟର କଲେଜର ମ୍ୟାନେଜିଂ ଡ଼ାଇରେକ୍ଟର ଡ଼. ସୁରେଶ ପ୍ରଧାନଙ୍କ ସମେତ କର୍ମଚାରୀମାନେ ଯୋଗ ଦେଇଥିବା ବେଳେ ତାଙ୍କୁ ଓଡ଼ଗାଁ ପୁଲିସ ପକ୍ଷରୁ ସହଯୋଗ କରାଯାଇଥିଲା ।

CUTTACK MUNICIPAL CORPORATION

"e" PROCUREMENT NOTICE

Bid Reference No. MC(CMC)CTC_EL_No.5/2025-26

Tender ID: 2025 ORULB_123776

Tender Call Notice No. 16292 (PW) Date. 30.12.2025

Name of Works: Electrical Works

No of Works: 01

Bid Value: Rs. 6.87

Period of Completion: One Calendar Month

Date and Time schedule:

Start	End	Opening
13.00 PM on dt. 31.12.2025	5.00 PM on dt. 09.01.2026	11.00 A.M. on dt. 13.01.2026

Tender Details can be seen from the procurement portal www.tendersorissa.gov.in

Sd:/-Executive Engineer
City Division-III,CMC

C-1930 OIPR- **13031/11/0260/2526**

ଗୋପ ବ୍ଲକରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବର

ଗୋପ(ପିପିଏସ) ପୁରୀ ଜିଲ୍ଲା ଗୋପ ବ୍ଲକରେ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣୀ ଆଜି ଗୋପ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଅଧକ୍ଷତା କରିଥିଲେ। ଅଭିଯୋଗ ପ୍ରକୋଷ୍ଠକୁ ମୋଟ ୬୧ ଗୋଟି ଅଭିଯୋଗ ଆସିଥିଲା ।ସେଥିରୁ ୪୮ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ,୯ ଗୋଟି ଗ୍ରାମ ସମ୍ବନ୍ଧୀୟ ଓ ୧ ଗୋଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା। ତତକ୍ଷଣାତ ୮ ଗୋଟି ଅଭିଯୋଗ ର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗ ଗୁଡିକ ର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା। ଶୁଣାଣି କରାଯାଇଥିଲା । ଜନଶୁଣାଣି ଶିବିରରେ ଗୋପ ବ୍ଲକର ୩୧ ଗୋଟି ଗ୍ରାମ ପଞ୍ଚାୟତର ଶିବିରରେ ସମବାୟ, ଗୃହ, ରାଜସ୍ୱ, ଭିନ୍ନକ୍ଷମ, ପଞ୍ଚାୟତିରାଜ, ଜମିଜମା, ସୁଭଦ୍ରା, ଗଣଶିକ୍ଷା ବିଭାଗ ସମେତ ବିଭିନ୍ନ ବିଭାଗର ୬୧ ଗୋଟି ଅଭିଯୋଗର ଶୁଣାଣୀ କରି ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କୁ ଏହାର ତ୍ୱରିତ ସମାଧାନ କରିବା ପାଇଁ ପୁରୀ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏହି ଶିବିରରେ ସିମୁଳି ଗ୍ରାମର ପଡାଗ୍ରାମ ଧୂଳିଆଠେଙ୍ଗ କୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରିବା ପାଇଁ ଅଭିଯୋଗ ହୋଇଥିଲା ବେଳେ ଏଥି ପ୍ରତି ବିଶେଷ ଧ୍ୟାନ ଦିଆଯିବ ବୋଲି ପୁରୀ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ପ୍ରତିଶ୍ରୁତି ଦେଇଥିଲେ। ଏହି ଶୁଣାଣୀ ରେ ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ନିମାପଡା ଏସଡିପିଓ ଜନାର୍ଦ୍ଦନ ପାଢ଼ୀ, ବିଡ଼ିଓ ଛବିରାଣୀ ସାହୁ, ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ ,ଅଭିଯୋଗ ଶୁଣାଣୀ ଅଧିକାରୀ ବିବେକାନନ୍ଦ ସାହୁ, ଜିଲ୍ଲାପରିଷଦ ପ୍ରମୋଦ ରାଏ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ପୃଷ୍ଟି, ସହକାରୀ ଯନ୍ତ୍ରୀ ଭବାନୀ ଶଙ୍କର ପୋଥାଳ ଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

ଭଦ୍ରକରେ ଜାତୀୟସ୍ତରୀୟ ବାଣିଜ୍ୟ ମେଳାର ଷଷ୍ଠ ସନ୍ଧ୍ୟା

ବାଣିଜ୍ୟେ ବସତି ଲକ୍ଷ୍ମୀ ସାକାର ହୋଇଛି

ଭଦ୍ରକ (ପିପିଏସ୍): ପ୍ରକୃତରେ ଆମ ଓଡ଼ିଆ ଲୋକଭାଷାରେ ଯେଉଁ ଆପ୍ତବାକ୍ୟ ରହିଛି, ତାହା ଆଜି ଭଦ୍ରକର ଜାତୀୟସ୍ତରୀୟ ବାଣିଜ୍ୟ ମେଳାରେ ସାକାର ହୋଇଛି। ଏବଂ ଏଭଳି ଏକ ଦୁର୍ଲ୍ଲଭ ମେଳାକୁ ଯେଉଁମାନେ ଭଦ୍ରକ ଜିଲାବାସୀଙ୍କ ନିକଟରେ ପହଂଚାଇ ପାରିଛନ୍ତି, ସେହି ଯୁବ ଉଦ୍ୟୋଗୀମାନଙ୍କୁ ଯେତେ ପ୍ରଶଂସା କଲେ ମଧ ତାହା କମ୍ ହେବ ବୋଲି ଭଦ୍ରକର ସମରାଇପୁର ନାୟାର ପେଟ୍ରୋଲ ପମ୍ପ ନିକଟରେ ଅନୁଷ୍ଠିତ ଜାତୀୟସ୍ତରୀୟ ଭଦ୍ରକ ବାଣିଜ୍ୟ ମେଳାର ଷଷ୍ଠ ସନ୍ଧ୍ୟାରେ ଯୋଗଦେଇ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଜିଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ଡିଏଫ୍‌ଓ ସଂସ୍ଥା ଓସ୍‌ମେ ଏବଂ ବିବିଏମ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶୀତୁଆ ସନ୍ଧ୍ୟାର ଏହି ଉତ୍ସବରେ ଓସମେର ସଭାପତି ସୁରଜ କୁମାର ସାହୁ ମଂଚ ଆମନ୍ତ୍ରଣ କରିଥିବାବେଳେ ବିବିଏମ୍‌ର ପୃଷ୍ଠପୋଷକ ବସନ୍ତ କୁମାର ରାଉତ ସଭାପତିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହାପରେ ଓସ୍‌ମେର ଲେଡିଜ୍ ୱିଙ୍ଗ ପକ୍ଷରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯିବାପରେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ । ଏହାପରେ ଅତିରିକ୍ତ ଜିଲାପାଳ (ସାଧାରଣ) ସରୋଜ କୁମାର ଦତ ମୁଖ୍ୟଅତିଥି, ଲାୟନ୍ସ ଇଂଟରନେସନାଲ ଡିଷ୍ଟ୍ରିକ୍ଟ ୩୨୨ ସି - ୫ ସେକେଣ୍ଡ ଭାଇସ୍ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଅଶୋକ କୁମାର ମହାନ୍ତି ମୁଖ୍ୟ ବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ଅସୁରାଳିସ୍ଥିତ ବେଷ୍ଟ କଲେଜର ଅଧକ୍ଷ ରବିନ୍ଦ୍ର କୁମାର ଜେନା, ଓସ୍‌ମେର ୱିମେନ୍ସ ୱିଙ୍ଗର ସଭାପତି ଅର୍ପିତା ମହାନ୍ତି ପ୍ରମୁଖ ଯୋଗଦେଇ ଏହି ବାଣିଜ୍ୟ ମେଳାକୁ ଆସିଥିବା ରାଜ୍ୟ ଓ ରାଜ୍ୟ ବାହାର ବ୍ୟବସାୟୀ, ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଏଠାକୁ ୬ ଦିନ ଧରି ଆସୁଥିବା ଜିଲାବାସୀଙ୍କୁ ସାଧୁବାଦ ଜଣାଇବା ସହ କର୍ମକର୍ତାଙ୍କ ଏଭଳି ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ।

OFFICE OF THE SUPERINTENDING ENGINEER, BETNOTI CANAL DIVISION, LAXMIPOSI, AT/PO:-LAXMIPOSI, DIST: -MAYURBHANJ.

Email ID-cebcd.laxmiposi@gmail.com Bid Identification No. 02/2025-26 of S.E, Betnoti Canal Division, Laxmiposi

1. Name of Work : Civil construction works
2. Total No of Projects: 02 Nos, of individual works
3. Estimated Cost of individual works : Varies from Rs.4,08,864/- to Rs.4,11,166/-(Excluding G.S.T.)
4. Period of Completion : 01(One) Calendar Month
5. Bid Identification No : 02/2025-26 of S.E, Betnoti Canal Division, Laxmiposi
6. Class of Contractor : "D" &"C" or, equivalent Class
7. Date & Time of sale & receipt of bid documents in the O/O S.E. Betnoti Canal Division, Laxmiposi : Dt.30.12.2025 at 10:00 AM to Dt. 13.01.2026 up to 5.0P.M.
8. Date of Opening of Bid : Dt. 15.01.2026 at 11:30 AM in the O/O S.E. Betnoti Canal Division, Laxmiposi
9. Name & Address of the O.L. T : Superintending Engineer, Betnoti Canal Division, Laxmiposi

Sd:/-Superintending Engineer,
Betnoti Canal Division, Laxmiposi

A-1204 OIPR- 32272/11/0013/2526

ପିଲା ଜନ୍ମର ଛଅ ଦିନ ପରେ ଲିଭର ରୋଗରେ ମହିଳା ମୃତ

ତାଳଚେର, (ପିପିଏସ୍): ମଣିଷର ଭାଗ୍ୟ ଅନିଶ୍ଚିତତା ମଧ୍ୟରେ ଗତିକରୁଥାଏ , କାହାର କେତେବେଳେ କଣ ହେବ କିଛି କହିହେବନି ,ଆଜି ଯାହାକୁ ଦେଖୁଥିବ ହୁଏତ କାଲି ସେ ନଥିବ ,ଏହିଭଳି ଏକ ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି ତାଳଚେର ଟାଉନ ବଡ଼ଦାଣ୍ଡ ସାହିରେ, କୃପର୍ଣ୍ଣ ଜେନା(ପୂଜା) ନାମି ଜୈନିକ ମହିଳା ଗତ ଛ ଦିନ ତଳେ ଅସ୍ତ୍ରପ୍ରଚର୍ ହୋଇ ଦ୍ୱିତୀୟ କନ୍ୟା ସନ୍ତାନର ମାତୃତ୍ୱ ଲାଭ କରିଥିଲେ ହଠାତ୍ ଦୁଇ ଦିନ ତଳେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନିକଟସ୍ଥ ମେଡ଼ିକାଲରେ ଆଡମିଶନ କରି ଚିକିତ୍ସା କରାଯାଉଥିବା ବେଳେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା , ରକ୍ତ ପରୀକ୍ଷାରୁ ଜଣା ପଡିଲା ସେ ଲିଭର ଦଣ୍ଡିଶ ରୋଗ ଦ୍ୱାରା ଆକ୍ରାନ୍ତ ହୋଇଥିଲେ । ତାଙ୍କର ୯ ବର୍ଷର ବଡ ଝିଅ ,ସ୍ୱାମୀ ସୁବାସ ବେହେରା , ପିତା ମାତା , ମାଉସୀ ,ଭଉଣୀ ମୃତ୍ୟୁ ଶଯ୍ୟା ନିକଟରେ ଶୋକ ସନ୍ତପିତ ପରିବାର ଲୋକେ ଉପସ୍ଥିତ ଥିଲେ , ସେ ଜଣେ ମେଳାପି , ମିଷ୍ଟ ଭାଷୀ ,ସ୍ନେହୀ ମହିଳା ଭାବେ ପରିଚିତ ଥିଲେ ,ତାଙ୍କ ମୃତ୍ୟୁ ଖବର ଶୁଣି ଏକ , ଦୁଇ ଓ ତିନି ନମ୍ବର୍ ୱାର୍ଡ ମଧ୍ୟରେ ଶୋକର ଛାୟା ଖେଳି ଯାଇଛି , ପ୍ରାକ୍ତନ ଢେଙ୍କାନାଳ ସାଂସଦ ତଥାଗତ ସତପଥୀ ଓ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କ ସେ ଦୃଢ଼ ସମର୍ଥକ ଓ ପ୍ରଚାରକ ଥିଲେ , ଆଉ ଇ ପି ସି ଏସ ପରିବେଶ ସଂଘର ସେ ଜଣେ ମେମ୍ବର ଥିଲେ। ଏକ ନମ୍ବର୍ ୱାର୍ଡ କାଉନସିଲର ଅସିଫ ଖାଁ, ସାମ୍ବାଦିକ ମନୋଜ କୁମାର୍ ମହାପାତ୍ର ,ବିଜୟ ମିଶ୍ର , ପତି ବାବୁ , ସାଇ ଭାଇ ,ବନ୍ଧୁ ବାନ୍ଧବ ପ୍ରଭୃତି ଶେଷ ଦର୍ଶନ କରିଥିଲେ। ତାଙ୍କ ପାର୍ଥିବ ଶରୀରକୁ ମଣ୍ଡପାଳ ସ୍ଥିତ ଶାସନରେ ଦାହ କରାଯାଇଥିଲା।

ନୋଟିସ୍

ଆଦେଶ-୫, ନିୟମ-୨୦, ଦେୱାନୀ କାର୍ଯ୍ୟ ବିଧି ସଂହିତା -୧୯୦୮ ଅନୁଯାୟୀ
ଏଲ .ଏ. କେସ୍. ନଂ- ୩୨୫/୨୦୨୨

ମଣ୍ଡଳ ଅଧିକାରୀ, ମଣ୍ଡଳ ନଂ-୩, ଆର.ଆର.ସି.ଏସ୍, ଢେଙ୍କାନାଳ ....ଆବେଦନକାରୀ

ବନାମ

୧.ଗଙ୍ଗାଧର ସ୍ୱାଇଁ, ୨.ନେପାଳ ସ୍ୱାଇଁ, ୩.ପଦ୍ମଚରଣ ସ୍ୱାଇଁ, ପିତା-ଲକ୍ଷ୍ମଣ ସ୍ୱାଇଁ, ସା-ରାଜବଲ୍ଲଭପୁର,ପୋ-ଗୋବରା,ଥାନା-ଗୁରୁଡ଼ିଝାଟିଆ,ଜିଲ୍ଲା-କଟକ, ପିନ- ୭୫୪୦୨୮..........................ବିରୋଧୀ ପକ୍ଷମାନେ |

ଏତଦ୍ୱାରା ଜଣାଇ ଦିଆଯାଉଅଛି କି , ଆବେଦନକାରୀ ରେଙ୍ଗାଲି ଜଳସେଚନ ଯୋଜନା ଅନ୍ତର୍ଗତ ଦର୍ପଣୀ ଶାଖା କେନାଲ ପାଇଁ ଅଧିଗ୍ରହଣ କରିଥିବା ଭୂମିର ସ୍ଥିରୀକୃତ କ୍ଷତିପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁର ନିମନ୍ତେ ଭୂ- ଅର୍ଜନ , ଥଇଥାନ ଏବଂ ପୁର୍ନବସତି ପ୍ରାଧିକାରୀ ଅଦାଲତ ସି .ବି -୧ (ଏ) କ୍ୟାଣ୍ଟନମେଣ୍ଟ ରୋଡ଼ , କଟକଙ୍କ ଇଜିଲାସ /ଅଦାଲତରେ ଏଲ.ଏ. କେସ ନଂ-୩୨୭/୨୦୨୨ ମକଦ୍ଦମା ରୁଜୁ କରିଅଛନ୍ତି | ଅଧିଗ୍ରହୀତ ଭୂମିର ବିସ୍ତୃତ ବିବରଣୀ ଯଥା - ମୌଜା-ରାଜବଲ୍ଲଭପୁର, ଖାତା ନଂ-୨୨, ପ୍ଲଟ ନଂ-୪୨୮ , ମୋଟ ରକବା -ଏ. ୧.୮୭୮ ଡ଼ି. ରୁ ଅଧିଗୃହୀତ ରକବା -ଏ.୦.୨୦୦ ଡ଼ି. , କିସମ -ଶାରଦ ଅଣଜଳସେଚିତ-୩ ଅଟେ | **ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସତ୍ତ୍ୱ ବିଷୟରେ ସଫେଇ/ତଦ୍‌ବିର କରିପାରିବେ** | ତେଣୁ ଉପରଲିଖିତ ବିରୋଧୀ ପକ୍ଷ ମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି , ସେମାନେ ଧାର୍ଯ୍ୟ ତା- ୨୬.୧୨.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ତାଙ୍କର ପକ୍ଷ ରଖିପାରିବେ | ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ତାଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ |

ସ୍ୱାକ୍ଷର / - ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ, ଥଇଥାନ ଏବଂ ପୁର୍ନବସତି ପ୍ରାଧିକାରୀ ଅଦାଲତ, କଟକ

IN THE COURT OF THE PRESIDING OFFICER, LAR & R AUTHORITY, CUTTACK.
L.A. Reference Case No. 325/2022
(With reference to LA Case No.07/2015)
Zone Officer, Zone lil, RRCS, Dhenkanal.. Petitioner
- Versus-
Gangadhar Swain & Ors........ Opp. Parties.

18. 14.10.25 Ld. AGP for the petitioner is present and filed draft notice for paper publication as per the provision u/o 5 Rule 20 (A) CPC for publication. The draft is found to be in order Draft publication is approved. The petitioner is allowed to serve the notice by publication in any of the four most widely circulated odia daily newspapers namely THE SAMAJ, THE SAMBAD, THE PRAMEYA & THE DHARITRI. The petitioner has to make endeavor to publish it within 15 (fifteen) days of its receipt. The font size of the letter should be so prominent that it will attract the eye of the readers. Put up the matter on 26.12.2025 for filing of the paper publication by the the petitioner and appearance of the OPs and filing of objection if any. Send extract of the order along with the approved draft publication to the petitioner for necessary action

Dictated
Sd/-Presiding Officer
LAR & R Authority, Cuttack

III-09 OIPR- **24379/14/0001/2526**

ମନମୋହନ ସାମଲ, ସୂର୍ଯ୍ୟବଂଶୀ ସୁରଜ ଓ ସୀତାଂଶୁ ମହାପାତ୍ରଙ୍କ ନୂଆବର୍ଷରେ ଭେଟି

୧୭.୫୪ କୋଟି ବ୍ୟୟ ଅଟକଳରେ ନିର୍ମାଣ ହେବ 'ଅଟଳ ମାର୍ଗ'

ଭଦ୍ରକ (ପିପିଏସ୍): ଆଜି ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ 'ଅଟଳ ମାର୍ଗ' ନାମକରଣରେ ଭଦ୍ରକ ସହରର ଅର୍ପଣବିନ୍ଧା ଛକ ଠାରୁ ଶନିମନ୍ଦିର ଛକ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତିକରଣର ଶୁଭ ଭିତିପ୍ରସ୍ତରର ଶୁଭ ଉଦ୍‌ଘାଟନ କରିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଉଚ୍ଚଶିକ୍ଷା, କ୍ରୀଡା, ଯୁବ ବ୍ୟାପାର, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର। ଆଜି ସନ୍ଧ୍ୟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ସରକାରଙ୍କ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଏହି ଶୁଭ ଭିତିପ୍ରସ୍ତର ସ୍ଥାପନ ଉତ୍ସବରେ ଜିଲାପାଳ ଦିଲ୍ଲୀପ ରାଉତରାଏ, ଉପଜିଲାପାଳ ସୌରଭ ଚକ୍ରବର୍ତୀ, ସହକାରୀ ଜିଲାପାଳ କାର୍ତ୍ତିକନାଥ ମଣ୍ଡଳ, ଭଦ୍ରକ ଜିଲା ପୂର୍ତ ଓ ଗୃହ ନିର୍ମାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଦେବପ୍ରସନ୍ନ ଘୋଷ, ବିଜେପି ଜିଲା ସଭାପତି ଭଗବାନ ପଣ୍ଡା, ବିଜେପି ନେତା ବାଣୀକଲ୍ୟାଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଭିତିପ୍ରସ୍ତର ସ୍ଥାପନ ପରେ ଅତିଥିମାନେ ସଭାସ୍ଥଳ ନିକଟରେ ଥିବା ଅଟଳ ବିହାରୀ ବାଜପେୟୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ପରେ ଭିତିପ୍ରସ୍ତର ସ୍ଥାପନ ଉତ୍ସବରେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲାପାଳ ଶ୍ରୀ ରାଉତରାଏ ସ୍ୱାଗତ ଭାଷଣ ଦେବା ପ୍ରସଙ୍ଗରେ ଏଭଳି ଏକ ମହତ୍ୱପୂର୍ଣ୍ଣ ପ୍ରକଳ୍ପରେ ଉପସ୍ଥିତ ଯେଉଁ ଅତିଥିମାନଙ୍କ ଅବଦାନ ରହିଛି, ତାହାକୁ ପ୍ରଶଂସା କରିଥିଲେ। ଏବଂ ଏହି ପ୍ରକଳ୍ପ ନିର୍ମାଣରେ ଭଦ୍ରକ ସହରବାସୀଙ୍କ ସହଯୋଗକୁ ସ୍ୱାଗତ କରିଥିଲେ। ଏହାପରେ ଭଦ୍ରକ ବିଧାୟକ ଶ୍ରୀ ମହାପାତ୍ର ନିଜ ଭାଷଣ ପ୍ରସଙ୍ଗରେ ବିଜେଡି ସରକାରକୁ କଟାକ୍ଷ କରି ଭଦ୍ରକ ସହରକୁ ଯେଉଁ ଜନ ପ୍ରତିନିଧିମାନେ ସରସ ସୁନ୍ଦର କରିବାର ଦ୍ୱାହି ଦେଇ କେବଳ କାଗଜପତ୍ରରେ ସ୍ମାର୍ଟ ସିଟିର ସ୍ୱପ୍ନ ଦେଖାଇଥିଲେ, ସେମାନଙ୍କର ବୁଲଡୋଜର ଉଚ୍ଛେଦ କାର୍ଯ୍ୟରେ ମହତାବ ଛକ ଠାରୁ ଆରମ୍ଭ ହୋଇ ଅର୍ପଣବିନ୍ଧା ଛକରେ ପମ୍ପଚର ହୋଇଯାଇଥିଲା ବୋଲି କଟାକ୍ଷ କରିଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସରକାରରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଉପରୋକ୍ତ ପ୍ରକଳ୍ପ ନିର୍ମାଣ ଜନିତ ଉଚ୍ଛେଦ ପ୍ରକ୍ରିୟାରେ ସହରବାସୀଙ୍କ ସହଯୋଗକୁ ସ୍ୱାଗତ କରି ସମସ୍ତଙ୍କୁ ପୁରୁଣା ବସ୍‌ଷ୍ଟାଣ୍ଡ ଓ ଚରମ୍ପା ଓଏସ୍‌ଆରଟିସି ସ୍ଥାନରେ ଥଇଥାନ କରାଯିବ ବୋଲି କହିଥିଲେ। ମନ୍ତ୍ରୀ ଶ୍ରୀ ସୁରଜ ନିଜ ଭାଷଣ ପ୍ରସଙ୍ଗରେ ୧୭ କୋଟି ୫୪ ଲକ୍ଷ ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ୬ଟି ପ୍ୟାଚ୍ ଯୁକ୍ତ ରାସ୍ତାରେ ଫୁଡ୍ କୋର୍ଟ, ପାର୍କିଂ ଓ ମଲ୍ ଭଳି ବହୁ ବ୍ୟବସ୍ଥା ରହିବା ସହ ସହରକୁ ସୌନ୍ଦର୍ଯ୍ୟକରଣ କରିବା ସହ ଏହାକୁ ଆମର ପ୍ରିୟ ପ୍ରଧାନମନ୍ତ୍ରୀ ଅଟଳ ଜୀଙ୍କ ନାମରେ ନାମିତ କରିବା ନିଶ୍ଚିତ ଭାବେ ଗୌରବର ବିଷୟ ବୋଲି କହିଥିଲେ। ଏବଂ ପୂର୍ବର ବହୁ ପ୍ରତୀକ୍ଷିତ ଅପେକ୍ଷିତ ଏହି ରାସ୍ତା ଗ୍ରାଣ୍ଡ ଟ୍ରଙ୍କ ରୋଡ୍ ନାମରେ ଥିବାବେଳେ ଆଜି ତାହା ଯେଉଁଭଳି ନବରୂପ ନେବାକୁ ଯାଉଛି, ସେ ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବିଜେପି ସଭାପତି ଶ୍ରୀ ସାମଲ ନିଜ ଭାଷଣ ପ୍ରସଙ୍ଗରେ ଶିଳ୍ପ ପର୍ଯ୍ୟଟନ, ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଗମନାଗମନ ହିଁ ଭାରତବର୍ଷକୁ ବିକାଶ କରାଇବ ବୋଲି ବାଜପେୟୀ ଯେଉଁ ସ୍ୱପ୍ନ ଦେଖି ୭୮ ଦେଶର ୭୮ ହଜାର କିଲୋମିଟର ରାସ୍ତାର ନବୀକରଣ କରି ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନାର ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ, ତାହା ଆଜି ୧୯ ସ୍ଥାନରୁ ଖସି ୪ନଂ ରେ ପହଂଚିଛି ବୋଲି କହିଥିଲେ।

୧.୭୬ ଲକ୍ଷ ଫେରିପାଇଲେ ସାଇବର ଠକେଇର ଶିକାର ହୋଇଥିବା ମହିଳା

ବ୍ରହ୍ମପୁର, (ପିପିଏସ୍): ସାଇବର ଠକେଇର ଶିକାର ହୋଇଥିବା ଜଣେ ମହିଳା ନିଜର ୧ ଲକ୍ଷ ୭୬ ହଜାର ଟଙ୍କା ଫେରି ପାଇଛନ୍ତି । ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନା ପୁଲିସ ସାଇବର ଠକଙ୍କ ୧୧ଟି ବ୍ୟାଙ୍କ ଆକାଉଣ୍ଟ ଜବତ କରିଏହି ଟଙ୍କା ଫେରାଇ ଆଣିବାରେ ସକ୍ଷମ ହୋଇଛି । ସେହିପରି ଠକେଇ ହୋଇଥିବା ମହିଳାଙ୍କ ବଳକା ଲକ୍ଷରୁ ଅଧିକ ଟଙ୍କା ଫେରସ୍ତ ଆଣିବାକୁ ଉଦ୍ୟମ କରାଯାଉଥିବା ପୁଲିସ ପକ୍ଷରୁ କୁହାଯାଇଛି । ସୂଚନାଥାଉକ, ବ୍ରହ୍ମପୁରର ଏକ ଘରୋଇ ବ୍ୟାଙ୍କରେ ଚାକିରି କରୁଥିବା ଜଣେ ମହିଳାଙ୍କ ନିକଟକୁ ଜୁଲାଇ ୭ ତାରିଖରେ ଏକ ଅଜଣା ହ୍ୱାଟସଆପ ନମ୍ବରରୁ କଲ ଆସିଥିଲା। କଲ କରିଥିବା ବ୍ୟକ୍ତି ଜଣଙ୍କ ନିଜକୁ ବ୍ୟାଙ୍କର ଜଣେ ଭଲ କଷ୍ଟମର ବୋଲି ପରିଚୟ ଦେଇଥିଲା। ଜନପ୍ରିୟ ଡେଭଲପର ନାମରେ ତାଙ୍କର ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି ଏବଂ ସେଥିରେ କୋଟି କୋଟି ଟଙ୍କା କାରବାର ହେଉଛି ବୋଲି ସଂପୃକ୍ତ ବ୍ୟକ୍ତି ଜଣଙ୍କ କହିଥିଲେ । ତାଙ୍କ ସଂସ୍ଥା ମହିଳାଙ୍କ ବ୍ୟାଙ୍କରେ ୨ କୋଟି ଟଙ୍କା ଫିକ୍ସ ଡିପୋଜିଟ କରିବାକୁ ଚାହୁଁଛି ବୋଲି କହିଥିଲେ। ତେବେ ୨ କୋଟି ଫିକ୍ସ ଡିପୋଜିଟ କରିବା ପୂର୍ବରୁ ସଂପୃକ୍ତ ବ୍ୟକ୍ତି ଜଣଙ୍କ ବିଭିନ୍ନ ବାହାନାରେ ମହିଳା କର୍ମଚାରୀଙ୍କୁ ୧୦ ଲକ୍ଷ ୬୫ ହଜାର ଟଙ୍କା ଜମା କରିବାକୁ କହିଥିଲେ । ଯେହେତୁ ସଂପୃକ୍ତ ବ୍ୟକ୍ତି ଜଣଙ୍କ ବ୍ୟାଙ୍କର ଜଣେ ଭଲ ଗ୍ରାହକ ଭାବେ ପରିଚୟ ଦେଇଛନ୍ତି ଏବଂ ୨ କୋଟି ଫିକ୍ସ କରିବାକୁ ଚାହୁଁଛନ୍ତି ତାହା ଜାଣିବା ପରେ ମହିଳା କର୍ମଚାରୀଙ୍କ ଲୋଭ ବଢି ଯାଇଥିଲା। ସେ ସଂପୃକ୍ତ ବ୍ୟକ୍ତି ଜଣଙ୍କ ଦେଇଥିବା ଏକ ଅଜଣା ବ୍ୟାଙ୍କ ଆକାଉଣ୍ଟରେ ୨ ଦିନ ଭିତରେ ୭ ଲକ୍ଷ ୭୦ ହଜାର ୧୬୧ ଟଙ୍କା ଜମା କରି ଦେଇଥିଲେ। ସେ ସମସ୍ତ ଟଙ୍କା ନିଜ ବ୍ୟାଙ୍କ ଆକାଉଣ୍ଟରୁ ପଠାଇଥିଲେ । ହେଲେ ବ୍ୟକ୍ତିଙ୍କ ଆଚରଣ ଏବଂ ଉଚାରଣକୁ ନେଇ ମହିଳା ବ୍ୟାଙ୍କ କର୍ମଚାରୀଙ୍କ ସନ୍ଦେହ ଉପୁଜିଥିଲା । ଯାଞ୍ଚ ପରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ । ଏହାପରେ ସାଇବର ଥାନାକୁ ଯାଇ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ବ୍ରହ୍ମପୁର ସାଇବର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ତଦନ୍ତ ବେଳେ ପୁଲିସ ମହିଳା ଜଣଙ୍କ ସାଇବର ଠକଙ୍କ ଯେଉଁ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଥିଲେ ତାହାର ସବିଶେଷ ତଥ୍ୟ ବାହାର କରିବାକୁ ଚେଷ୍ଟା କରିଥିଲା । ସେହି ବ୍ୟାଙ୍କ ଆକାଉଣ୍ଟ ବିଷୟରେ ପୁଲିସ ଜାଣିବା ସହ ସେଭଳି ଠକେଇରେ ବ୍ୟବହାର ହୋଇଥିବା ଆଉ ୧୦ଟି ବ୍ୟାଙ୍କ ଆକାଉଣ୍ଟ ବିଷୟରେ ଜାଣିବାକୁ ପାଇଥିଲା । ସମସ୍ତ ୧୧ ବ୍ୟାଙ୍କ ଆକାଉଣ୍ଟରେ ୪ ଲକ୍ଷ ୪୦ ହଜାର ଟଙ୍କା ଥିବା ଜଣାପଡିବା ପରେ ପୁଲିସ ସେହି ଆକାଉଣ୍ଟଗୁଡ଼ିକୁ ଅଚଳ କରି ଦେଇଥିଲା । ଏହାପରେ କୋର୍ଟଙ୍କ ନିର୍ଦ୍ଦେଶପ୍ରକାରେ ପ୍ରଥମ ପର୍ଯ୍ୟାୟରେ ସାଇବର ଠକଙ୍କ ସେହି ବ୍ୟାଙ୍କ ଆକାଉଣ୍ଟରେ ଥିବା ୧ ଲକ୍ଷ ୭୬ ହଜାର ଟଙ୍କା ଉଦ୍ଧାର କରାଯାଇ ଠକେଇର ଶିକାର ମହିଳାଙ୍କୁ ଫେରସ୍ତ ପାଇଁ ପୁଲିସ ପକ୍ଷରୁ ଯୋଜନା ହୋଇଥିଲା । ଆଜି ସଂପୃକ୍ତ ମହିଳାଙ୍କୁ ଡାକି ଟଙ୍କା ଫେରସ୍ତ କରାଯାଇଥିଲା । ଅଚଳ କରାଯାଇଥିବା ସାଇବର ଠକଙ୍କ ଏହି ଆକାଉଣ୍ଟରୁ ସମସ୍ତ ଠକେଇ ଟଙ୍କା ଫେରସ୍ତ ଆଣିବାକୁ ଉଦ୍ୟମ କରାଯାଉଛି ବୋଲି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ କହିଛନ୍ତି ।